# ସ୍ପିରିଟ୍ କଲ୍

## ସରୋଜ ବଳ

କବିତା କିରେ, ଆ ଆ
ଆସୁନୁ ଆ
ବ

କଣ ପିଇବୁ କ
ଥଣ୍ଡା ନା ଗରମ
କ

ଖାଇଚୁ ନା
ଗଣ୍ଡେ ପଖାଳ ଖାଇବୁ କି
ଡବାରେ ଭଜାବଡ଼ି ଅଛି
କଂଚାଲଙ୍କା ଆମ୍ବୁଲ
ଦି କୋଳା ରସୁଣ ଦଳିଦେଇ

ନଇଲେ ମୁଢ଼ିଗଣ୍ଡେ ପାଟିରେ ପକା
ଚେନାଚୁର୍ ପକେଇ
କହିବୁ ଯଦି ସୋରିଷତେଲ ଟିକେ
ଗୋଳେଇଦେବି

ଶୁଖିଗଲୁଣି ପୂରା
ଝଡ଼ିଗଲୁଣି ଏକଦମ୍

ମୁଁ ବୁଝୁଛି
ସମସ୍ତେ ଝୁଣୁଛନ୍ତି ତୋତେ
ଯଶ ପାରି ହଉଚନ୍ତି ତୋତେ ଧରି
ମାନପତ୍ର କମଉଚନ୍ତି
ଟିଭିରେ ବାହାରୁଚନ୍ତି
ହେଲେ ତୁ ବୁଲୁଚୁ ଅଖିଆ ଅପିଆ
ନିର୍ଘାତ ଖରାରେ ଦିହମୁଣ୍ଡ ନାର୍ଖାର କରି

ଆହା କେହି ଟିକେ
ବୁଝୁ ନାହାନ୍ତି ତୋ କଥା

ଆ, ଆଉଁସିଦିଏଁ ଟିକେ
ମୋ କାନ୍ଧରେ ମୁଣ୍ଡ ରଖ୍
ସକେଇପକା
କାଢ଼ିପକା ଯେତେ କୋହ ଅଛି
ନିଜର ଭାବ୍ ମତେ, ଡର୍‌ନା
ଗରିବ କବିଟେରେ ମୁଁ
ମୋର ଛନ୍ଦ କପଟ ନାଇଁ

ମୋ ସୁନାଟା, ମୋ ହୀରାଟା
ମୋ ଗେହ୍ଲାଟା, ମୋ ଧନଟା
ଆଛା ମୋ କାନପାଖେ ଚୁପ୍‌କିନି କହିବୁଟି
କିମିତିଆ ଧାଡ଼ିସବୁ ଲେଖିଲେ
ଜ୍ଞାନପୀଠ ମିଳେ
..................

# ସମୟ ସହ ସେଲ୍‌ଫି

## ସରୋଜ ବଳ

ଆ ଦେବ
ସମୟ ସହ ନେଇଯିବା
ଗୋଟେ ସେଲ୍‌ଫି

ଆଇସ୍‌କ୍ରିମ୍ ତରଳି
ନେଡ଼ିକୁ ବହିଯିବା ଆଗରୁ
ଦୈର୍ଘ୍ୟ ବଢ଼େଇଦବା ଜିଭର

ଏ ସମୟ କଥା ତ
ତୁ ଜାଣୁ
ପକ୍‌କା ବହୁରୂପୀ
ଏଇନା ରାନୀ ମୁଖାର୍ଜୀ ତ
ଏଇନା ରାନ୍‌ସମ୍‌ୱେୟାର୍
ଏଇନା ଟିଟିଲାଗଡ଼ର ପାରଦ ତ
ଏଇନା ଟେଡିବିୟର୍‌ର ହସ

ଆ ଦେବ
ସଡ଼ଚାଳିଶ ଡିଗ୍ରୀ ଖରାରେ
ଘଂଟାକଂଟା ତରଳିଯିବା ଆଗରୁ
ଆମେ ଏକ୍‌ରୁ ବାର ଯାଏଁ
ଅକ୍ଷରଙ୍କୁ ଦବା ନିର୍ବାସନ
ଗଛର ଅପହଂଚ ଡାଳରେ ଝୁଲୁଥିବା
ଏକୁଟିଆ ଆତ୍ମକୁ
ଆମେ କାଉ ଅଣ୍ଡାରେ ସାଇତିରଖିବା

କହିଥିଲି ନା
ରଖ୍‌ରଖ୍ ବୋଲି ପକେଟ୍‌ରୁ ଅସାବଧାନତାରେ
ଓହଳିଆସିଥିବା ବଂଧୁତାକୁ
ପେନ୍‌ଡ୍ରାଇଭ୍‌ର ସ୍ଲଟ୍ ଭିତରେ
କାଣିଆଂଗୁଠି ଗେଂଜି
ଉତ୍ତେଜିତ କରିବାକୁ ସମୟର ନାଭି
ମାନିଲୁନି

କହିଥିଲି ନା
ହାତ ମାର୍ ଗାତରେ
ଭାତ ମାର୍ ଦାନ୍ତରେ
ମୁଗ କିଆରିରେ ଡିସ୍କୋ ନାଚ୍

ପବନ ଗୁଂଡ଼ରେ ଲୁଗା କାଚ୍
କାଚ୍ କାଚ୍ କାଚ୍
ଥକିପଡ଼ିବା ଯାଏ ପିଷ୍ଟନ୍
ନାଚ୍ ନାଚ୍ ନାଚ୍
ନଇଁ ପଡ଼ିବା ଯାଏ ସିଷ୍ଟମ୍

ତୁ କଣ ମାନିବା ପିଲା
ଯାଃ ଭାଗ୍

ଯାଃ ପଳା ସେଇ
ମହାନଗରର ଅଂଧକୂଅ ଭିତରକୁ ଯେଉଁଠି
ରତିକ୍ଳାନ୍ତ ବେଂଗମାନେ
ଚାରିକାତ ମେଲେଇ ଭାସୁଛଂତି
ଯେଉଁଠି ରାସ୍ତା ନିୟଂତ୍ରଣ କରୁଛି
ଗତିକୁ
ଯେଉଁଠି ପେଷ୍ଟା ନିୟନ୍ତ୍ରଣ କରୁଛି
ମତିକୁ
ଯେଉଁଠି କଷ୍ଟା ଶାଢ଼ି ତଳେ
ମୁଣ୍ଡଗୁଜିଛି ଉତ୍କଟ ଏପ୍ରିଲ୍
ଯେଉଁଠି ମନିପର୍ସ ଭିତରେ
ତରଳିଯିବାରେ ଲାଗିଛି ଆଇପିଲ୍

ଯାଃ ପଳା ସେଇ
ଟାଂଗରା ସଭ୍ୟତାର ବସ୍ତିକୁ ଯେଉଁଠି
ଯୋଗ ବିକୁଛି ବାବାଜୀ
ଯେଉଁଠି ରିଅଲିଟି ଶୋ'ର ପରଦାରେ
ମୁଣ୍ଡ କୋଡୁଛି ଯୌବନ

ଯିବୁ ତ ଯା
ହେଲେ ଯିବା ଆଗରୁ ଆ...
ଆ ଟିକେ ମୁହଁ ପୋଛି
ନିଆଁର ରୁମାଲ୍‌ରେ
ଗାଲରେ ଘଷି ଦି ପରସ୍ତ
ପ୍ରତାରଣାର ପାଉଡର୍...
ଗୋଟେ ସେଲ୍‌ଫି ନେଇଯିବା ତୋର ମୋର
ଏ ସମୟ ସହ

ମାନବିକତାର ମାଇକ୍ରୋଚିପ୍‌ରେ କାଲିପାଇଁ
ଷ୍ଟୋର୍ ହେଇ ଥାଉନା
ସଂପର୍କର ଏତିକି ଆୟ
..........................

# ପୁଣି ଗୋଟେ ଦିନ

**ସରୋଜ ବଳ**

ପୁଣି ଗୋଟେ ଦିନ ଚାଲିଗଲା
ଖାଲିଖାଲି
ମନେରଖିବା ଭଳି କିଛିବି ନଘଟେଇ

ଯେମିତି ଆସ୍ତେକିନା
ଓଲଟିପଡ଼ିଲା ପୃଷ୍ଠାଟିଏ
ପବନରେ, କିଛିବି ନକହି

କାହିଁକି ଆସେ ଏମିତିକା
ସାଦା ଦିନସବୁ ଶୁଖିଲାପତ୍ର ପରି
କିଛି ନିରବତା
କିଛି ଦୀର୍ଘଶ୍ୱାସ
କିଛି ଛିଣ୍ଡା ସ୍ମୃତି ଧରି

ପାଣି ଥାଏ
ପିଇବାକୁ ଇଚ୍ଛା ହୁଏନା
ଗୀତ ଥାଏ
ଶୁଣିବାକୁ କାନ ଥାଏନା

କଣଗୋଟେ ଅଣ୍ଡାଳୁଥାଏ ମନ
ଏଇ ସାଦାତ୍ୱ ଭିତରୁ କେଜାଣି
ଜମା ବୁଝାପଡ଼େନା

ପୁଣିଗୋଟେ ଦିନ ଚାଲିଗଲା
ନିଶ୍ୱାସ ଭଳି

ହିସାବହୀନ ସମୟ ଭିତରୁ ବାହାରି
ପୁଣିସେଇ ବେହିସାବୀ ସମୟ ଭିତରେ
ଲୋପପାଇଗଲା

କେବଳ ଯାହା
ଗୋଟିଏ ଦିନର ଜୀବନ ନେଇଗଲା

ହଁ
ପୁଣିଗୋଟେ ଦିନ ଚାଲିଗଲା
କ୍ୟାଲେଣ୍ଡର୍‌ରେ ଅଦୃଶ୍ୟ ଛକିଟିଏ ମାରି
..........................

# ଦେହର କୁହୁଡ଼ି

**ସରୋଜ ବଳ**

ଦେହର ଗରାଖ ମୁଁ ଯେ
ଖୋଜିଖୋଜି ଦେହ ତୁମ ମୃତ୍ୟୁଯାଏଁ ଗଲି
ମୃତ୍ୟୁଠାରୁ ଫେରିଆସି
ପୁଣି ଦିନେ କବିତା ଲେଖିଲି

କବିତାର ଦେହ ନାଇଁ କେବଳ ଯା ଶବ୍ଦର ଲହଡ଼ି
ଲହଡ଼ି ଘୋଷାରିନେଲା ସମୁଦ୍ରକୁ ମୋତେ
ବୁଡୁବୁଡୁ ଜଣେକେହି ପକାଇଲା ହୁଡ଼ି

ଚେତା ପାଇ ଦେଖୁଚି ମୁଁ
କେହି ନାଇଁ କେଉଁଆଡ଼େ, ସମୁଦ୍ର ବି ନାଇଁ
କେବଳ ଯା ଚାରିଆଡ଼େ
ପାଉଁଶିଆ ଲୁଗା ପିନ୍ଧି ଘୋଟିଛି କୁହୁଡ଼ି

କୁହୁଡ଼ିର ଲୁଗା ଟେକି
ଦେଖୁଚି ମୁଁ ତୁମ ତୋଫା ଦେହ
ସେ ଦେହରେ ଏତେ କ୍ଷତ, ଏତେ ଦାଗ
କିଏ ଦେଲା, ରାଣ ଖାଇ କୁହ

କୁହୁଡ଼ି କହେନା କିଛି
କୁହୁଡ଼ିର ପାଟି ନାଇଁ, ଜିଭ ନାଇଁ ଜମା
କଥା ତ କୁହୁଡ଼ି ପରି
କଥାସବୁ ମିଶିଯାଏ କୁହୁଡ଼ି ଭିତରେ
ଖୋଲିଦେଇ ପ୍ରିୟ ତାର ସଂଦେହର ନୀଳ ପାଇଜାମା

..........................

# ମୋ ଭିତରେ ବି ମେଘ ଅଛି

ସରୋଜ ବଳ

ମୋ ଭିତରେ ବି ମେଘ ଅଛି
କଳାହାଣ୍ଡିଆ ରଙ୍ଗର

ମେଘ ଅଛି ମାନେ
ଆକାଶଟେ ନିଶ୍ଚୟ ଥିବ
ଛାତି ଭିତରେ ଜାକିଜୁକି ହେଇ

ସିଗାରେଟ୍ ଧୂଆଁରେ ଗୋଳିହେଇ
ଓଠରୁ ବାହାରି ଯାଉଥିବା ଦୀର୍ଘଶ୍ୱାସ,
ଉତ୍ତପ୍ତ ଲୋମକୂପ ଦେଇ
ନିଗିଡ଼ି ଯାଉଥିବା ବିରକ୍ତ ଝାଳବୁନ୍ଦା
ଆଖିର ଝର୍କାବାଟେ ଅଂଧାରରେ
ଡିଆଁମାରି ଫେରାର୍ ହେଇଯାଉଥିବା ଦୁଃଖସବୁ
ଘନୀଭୂତ ହୋଇ
ଠୁଳହୁଅନ୍ତି ସେଇ ଆକାଶରେ...
ଗଢ଼ାହୁଏ ମେଘ

ମେଘର ଗଢ଼ାହେବା ବି
ଈଶ୍ୱରଙ୍କ ଗଢ଼ାହେବା ଭଳି ଏକ
ଗୋପନୀୟ କାମ
ବାହାରକୁ ଶୁଭେନା ନିହାଣ, ମୁଗୁର
ଏପରିକି ନିଃଶ୍ୱାସର ଶବ୍ଦ, ମୂର୍ତ୍ତିକାରର

କେବଳ ଥରେଥରେ
ନିସ୍ତବ୍ଧ ରାତିରେ ଘଡ଼ଘଡ଼ି ଶୁଭେ
ଅଗ୍ନାଗ୍ନି ଦେହ ଭିତରୁ
ସତେଯେମିତି ଖୁଉବ୍ ଦୂରରୁ
ପାଖେଇ ଆସୁଛି ଡ୍ରମ୍ ବଜେଇ କୌଣସି
ଶୋଭାଯାତ୍ରା
କାନେଇଲେ ଶୁଣିହୁଏ
ନାଚକୁଦ, ଚିତ୍କାର, କଥାବାର୍ତ୍ତା

କିଏ ଅଛି ଭିତରେ
କାହାର ଏ ଔଦ୍ଧତ୍ୟ

ବିଫଳ ସ୍ୱପ୍ନ, ପଙ୍ଗୁ ଇଚ୍ଛା
ଆହତ ଅତୀତ, ଉତ୍କଣ୍ଠିତ ବର୍ତ୍ତମାନ
ନିରୁପାୟ ଭବିଷ୍ୟତ...
କାହାର

ମୁଁ ବିଛଣାରୁ ଉଠିପଡ଼ି
ଧଡ଼ପଡ଼ହେଇ ଆଲୁଅ ଜଳାଏ...
ଦେଖେ, ମେଘ ଘୋଟିଛି
ମୋ ଚାରିକଡ଼େ

..........................